**ସାଧାରଣ ପ୍ରଶାସନ ବିଭାଗ**

ସଂଖ୍ୟା ନ. 15485-ମୁଶାସ

ତାରିଖ 20 ମଇ 1989

ପ୍ରେରକ

ଶ୍ରୀ ନଳିନୀକାନ୍ତ ପଣ୍ଡା, ଆଇ. ଏ. ଏସ.
ମୁଖ୍ୟ ଶାସନ ସଚିବ ଏବଂ ଉନ୍ନୟନ କମିଶନର, ଓଡ଼ିଶା ସରକାର

ପ୍ରାପ୍ତେଷୁ

ସମସ୍ତ ଶାସନ ସଚିବ ।

ବିଷୟ—ଜିଲ୍ଲା ତଥା ସବ୍‌ଡିଭିଜନାଲ କାର୍ଯ୍ୟାଳୟମାନଙ୍କରେ କନିଷ୍ଠ କିରାଣୀ ପଦବୀରେ ଅନିୟମିତ ନିଯୁକ୍ତି

ମହାଶୟ,

Orissa Ministerial Service (Method of Recruitment of Junior Clerks in the district and subordinate offices) Rules, 1985 ର ବ୍ୟବସ୍ଥା ଅନୁଯାୟୀ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟମାନଙ୍କରେ ସୃଷ୍ଟି କରାଯାଇଥିବା କନିଷ୍ଠ କିରାଣୀ ପଦବୀଗୁଡ଼ିକ ଜିଲ୍ଲାପାଳଙ୍କ ଦ୍ୱାରା ପରିଚାଳନା କରାଯାଇଥିବା ନିଯୁକ୍ତି ପରୀକ୍ଷାରେ ମନୋନୀତ ପ୍ରାର୍ଥୀଙ୍କଦ୍ୱାରା ପୂରଣ କରାଯିବା ସର୍ବାଦୌ ବିଧେୟ । ଏହା ପୂର୍ବରୁ Orissa Ministerial Service (Method of Recruitment of Junior Clerk in the district and subordinate offices) Rules, 1982 ରେ ଏହି ପରୀକ୍ଷା ପରିଚାଳନା କରାଯିବାର ଦାୟିତ୍ୱ ରାଜସ୍ୱ କମିଶନରଙ୍କ ହସ୍ତରେ ନ୍ୟସ୍ତ ଥିଲା ।

2. ଉପରୋକ୍ତ ଦୁଇଟି ବୈଧାନିକ ନିୟମକୁ ଉଲ୍ଲଘଂନ କରି କେତେକ ନିଯୁକ୍ତି ପ୍ରାଧିକାରୀ ରାଜସ୍ୱ କମିଶନର/ଜିଲ୍ଲାପାଳମାନଙ୍କ ଦ୍ୱାରା ମନୋନୀତ ପ୍ରାର୍ଥୀଙ୍କୁ ନିଯୁକ୍ତି ନଦେଇ ବାହାରର ପ୍ରାର୍ଥୀଙ୍କୁ କାମଚଳା ଭିତ୍ତିରେ ନିଯୁକ୍ତି ଦେବାର ଦୃଷ୍ଟାନ୍ତ ଗୋଚରକୁ ଆସିବାରୁ ଏହି ପ୍ରକାର ନିଯୁକ୍ତିକୁ ଅନିୟମିତ ବୋଲି ପରିଗଣନା କରି ତୁରନ୍ତ ସଂପୃକ୍ତ କର୍ମଚାରୀମାନଙ୍କୁ ଛଟେଇ କରି ନିଯୁକ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପୋଷକ ଅଧିକାରୀଙ୍କ ଦ୍ୱାରା ପୋଷକ କରାଯାଇଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବା ପାଇଁ ମୁଖ୍ୟଶାସନ ସଚିବଙ୍କ ପତ୍ର ସଂ 8052, ତା 18-4-1987 ରିଖରେ ଏକ ନିର୍ଦ୍ଦେଶନାମା ଜାରୀ କରାଯାଇଥିଲା । ଏହି ନିର୍ଦ୍ଦେଶନାମା ଅନୁଯାୟୀ କେତେକ କର୍ତ୍ତୃପକ୍ଷ ଅନିୟମିତ ନିଯୁକ୍ତିକୁ ବାତିଲ କରିବା ବେଳେ ଅନ୍ୟ କେତେକ କର୍ତ୍ତୃପକ୍ଷ ଏ ପ୍ରକାର ନିଯୁକ୍ତି ବ୍ୟବସ୍ଥାକୁ ପ୍ରଶ୍ରୟ ଦେଇ ଚାଲିଛନ୍ତି ଏବଂ ଅନିୟମିତ ଭାବେ ନିଯୁକ୍ତି ପାଇଥିବା ପ୍ରାର୍ଥୀଙ୍କ ନିଯୁକ୍ତିକୁ ନିୟମିତକରଣ କରିବା ପାଇଁ ପ୍ରସ୍ତାବ ଦେଉଛନ୍ତି । ଏହାଦ୍ୱାରା ସରକାରଙ୍କ ଆଦେଶର ଅବମାନନା କରାଯିବା ସଂଗେ ସଂଗେ ସରକାରଙ୍କୁ ଅଯଥା ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି ।

3. କେତେକ କର୍ତ୍ତୃପକ୍ଷ ଏହି ପ୍ରକାର ପଦବୀ ଗୁଡ଼ିକ ପୁନର୍ବାସ ଯୋଜନାନୁଯାୟୀ କିମ୍ବା ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ପଦୋନ୍ନତି ଦେଇ ପୂରଣ କରାଯାଉଥିବାର ଦୃଷ୍ଟାନ୍ତ ସରକାରଙ୍କ ନିକଟରେ ପହଞ୍ଚୁଛି । ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ପଦୋନ୍ନତି ସଂକ୍ରାନ୍ତରେ ଏହି ବିଭାଗ ତରଫରୁ ନିର୍ଗମନ କରାଯାଇଥିବା ସଂକଳ୍ପ ସଂ 16858, ତା 25-9-1986 ରିଖରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଅଛି ଯେ ଟିପ୍ପଣୀ ଓ ଚିଠା ପ୍ରସ୍ତୁତ କରିବାର ଆବଶ୍ୟକତା ନଥିବା 3ୟ ଶ୍ରେଣୀ ପଦବୀ ଗୁଡ଼ିକ 4ର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ଦ୍ୱାରା ପଦୋନ୍ନତି ଭିତ୍ତିରେ ପୂରଣ କରାଯିବା ଉଚିତ । କନିଷ୍ଠ କିରାଣୀ ପଦବୀ ଗୁଡ଼ିକ 4ର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ଦ୍ୱାରା ପଦୋନ୍ନତି ଭିତ୍ତିରେ ପୂରଣ କରାଯିବା ଅର୍ଥ ବୈଧାନିକ ନିୟମର ବିରୁଦ୍ଧାଚରଣ କରିବା ।

4. ଠିକ୍ ସେହିପରି, ନିଯୁକ୍ତି ନିୟମରେ ପୁନର୍ବାସ ଯୋଜନାନୁଯାୟୀ ନିଯୁକ୍ତି ଦେବାକୁ ଏ ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ରଖାଯାଇନାହିଁ । ଏହା ସତ୍ୟ ଯେ, ପରିପତ୍ର ସଂ. 13505, ତା 28-5-1984 ରେ ସ୍ପଷ୍ଟ କରି ଦିଆଯାଇଅଛି ଯେ ପୁନର୍ବାସ ନିଯୁକ୍ତି ଯୋଜନାଟି ଜନସ୍ୱାର୍ଥକୁ ସନ୍ତୁଷ୍ଟ କରୁଥିବା ଦୃଷ୍ଟିରୁ ଏ ପ୍ରକାର ନିଯୁକ୍ତି ଦେବା ସମୟରେ ନିଯୁକ୍ତି ନିୟମରେ ଥିବା କୋହଳ ବ୍ୟବସ୍ଥାକୁ ଅନୁସରଣ କରି ନିଯୁକ୍ତି ଦିଆଯାଇପାରେ । ନିୟମକୁ କୋହଳ କରିବା ନିମନ୍ତେ ସରକାରଙ୍କ ସ୍ୱୀକୃତି ଏକାନ୍ତ ଆବଶ୍ୟକ । ଉକ୍ତ ବ୍ୟବସ୍ଥା ଅନୁଯାୟୀ ସରକାରଙ୍କ ଅନୁମୋଦନ ନ ନେଇ କନିଷ୍ଠ କିରାଣୀ ପଦବୀରେ ନିଯୁକ୍ତି ଦେବାକୁ ଅନିୟମିତ ନିଯୁକ୍ତି ବୋଲି ଧରାଯିବ । ଏ ପ୍ରକାର ନିଯୁକ୍ତି ଦେବାପୂର୍ବରୁ ସଂପୃକ୍ତ ବିଭାଗ ସାଧାରଣ ପ୍ରଶାସନ ବିଭାଗ ଜରିଆରେ ସରକାରଙ୍କ ଆଦେଶ ପ୍ରାପ୍ତ କରିବା ବାଞ୍ଛନୀୟ ଏବଂ ନିଯୁକ୍ତି ଦେବା ସମୟରେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଅଥବା ନିଯୁକ୍ତି ପରୀକ୍ଷା ପରିଚାଳକଙ୍କୁ ଅବଗତ କରାଇ ଦେବା ଆବଶ୍ୟକ ।

5. ପୂର୍ବତନ ମୁଖ୍ୟ ଶାସନ ସଚିବଙ୍କ ଆଦେଶ (ଚିଠି ସଂଖ୍ୟା 8052, ତା 18-4-1987) ର ପୁନରୁଦ୍ଧାର କରି ମୁଁ ପୁନର୍ବାର ନିର୍ଦ୍ଦେଶ ଦେଉଅଛି ଯେ ଆପଣ ଜିଲ୍ଲାସ୍ତରରେ ହୋଇଥିବା ଏହି ପ୍ରକାର ସମସ୍ତ ଅନିୟମିତ ନିଯୁକ୍ତିକୁ ସମୀକ୍ଷା କରି ତୁରନ୍ତ ଅନିୟମିତ ଭାବେ ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କୁ ଛଟେଇ କରିବାକୁ ସଂପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ଆଦେଶ ଦେବା ସଂଗେ ସଂଗେ ଜିଲ୍ଲାପାଳମାନଙ୍କ ଦ୍ୱାରା ଚୟନ କରାଯାଇଥିବା ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦେବା ପାଇଁ ନିର୍ଦ୍ଦେଶନାମା ପଠାନ୍ତୁ ।

6. ଏହି ନିର୍ଦ୍ଦେଶନାମାରେ ନିର୍ଦ୍ଦିଷ୍ଟ ଭାବରେ ଜଣାଇ ଦିଆଯାଉ ଯେ ଯଦି ଏହି କାର୍ଯ୍ୟ ଜୁନ୍ 1989 ମଧ୍ୟରେ ସାଧିତ ନହୁଏ ତେବେ ସଂପୃକ୍ତ ନିଯୁକ୍ତି ପ୍ରାଧିକାରୀମାନଙ୍କ ବିରୁଦ୍ଧରେ ଶୃଂଖଳାଗତ ଶାସ୍ତି ବିଧାନ କରାଯିବ ।

7. ଏ ବାବଦରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସଂପର୍କରେ ଏହି ବିଭାଗକୁ ଅବଗତ କରାଇବାକୁ ଅନୁରୋଧ ।

ଆପଣଙ୍କର ବିଶ୍ୱସ୍ତ

ନଳିନୀକାନ୍ତ ପଣ୍ଡା

ମୁଖ୍ୟ ଶାସନ ସଚିବ